# Akashvani, Sambalpur

## SAMBALPURI NEWS MORNING BULLETIN

## 12 July 2026 - 6.47- 6.52 am.

---

ରାଜ୍ୟ ସରକାର୍-ଉଚ୍ଚପ୍ରାଥମିକ ବିଦ୍ୟାଳୟ/ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସରକାର୍ ୭୬ ଟା ସରକାରୀ ପ୍ରାଥମିକ ବିଦ୍ୟାଳୟକେ ଉଚ୍ଚପ୍ରାଥମିକ ବିଦ୍ୟାଳୟ କରିଛନ୍ । ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର୍ ସୂଚ୍‌ନା ଅନ୍‌ସାରେ ପଶ୍ଚିମ ଓଡ଼ିଶାର୍ ନୂଆପଡ଼ାର୍ ୬ ଟା, ବଲାଙ୍ଗିର୍‌ର ୩ ଟା ଆଉ ଦେବ୍‌ଗଡ଼୍ ର ୨ ଟା ପ୍ରାଥମିକ ବିଦ୍ୟାଳୟକେ ଉଚ୍ଚପ୍ରାଥମିକ ବିଦ୍ୟାଳୟ କର୍‌ବାର୍‌କେ ଓସେପାକେ ନିର୍ଦ୍ଦେଶ୍ ଦିଆଯାଇଛେ । ଇତାର୍‌ସହେତେ ଝାର୍‌ସୁଗୁଡ଼ା, ସମ୍ବଲ୍‌ପୁର୍ ଆର୍ ସୁନ୍ଦର୍‌ଗଡ଼୍ ଜିଲ୍ଲାର୍ ଗୁଟେ ଲେଖା ବିଦ୍ୟାଳୟକେ ଭିଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କରାଯାଇଛେ । ଛୋଟ୍ ଛୁଆମାନ୍‌କୁ ପାଠ୍‌ପଢ଼୍‌ବାର୍ ସୁଯୋଗ୍ ଦେବାର୍ ଲାଗି ସରକାର୍ ଇ ପଦକ୍ଷେପ୍ ନେଇଛନ୍ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ ।

ସଫେଇ ମିତ୍ର           ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ସଫେଇ ମିତ୍ରମାନ୍‌କର୍ ଅବଦାନ୍‌କେ ସମ୍ମାନ୍ ଜାନବାର୍ ଆଉ ସୁରକ୍ଷିତ୍ ଆଉ ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକେ ତହଁକାବାର୍ ଲାଗି ଆଏବା ୧୪ ତାରିଖ୍‌ଥି ରାଜ୍ୟର୍ ସବୁ ସହରାଂଚଲ୍, ସ୍ଥାନୀୟ ସଂସ୍ଥାନ 'ନମସ୍ତେ' ଦିବସ ପାଲନ୍ କରାଯିବା । ଇ ବାବ୍‌ଦେ ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ସବୁ ମହାନଗର୍ ନିଗମ୍, ପୌରପାଳିକା ଆଉ ବିଜ୍ଞପିତ ଅଂଚଳ ପରିଷଦ୍‌କେ ନିର୍ଦ୍ଦେଶ୍ ଜାରି କରାଯାଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ସାମାଜିକ ନ୍ୟାୟ ଆଉ ସଶକ୍ତିକରଣ୍ ମନ୍ତ୍ରଣାଳୟ ଆର୍ ଗୃହ ଆଉ ସହରାଂଚଲ୍ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ଇ ଦିବସ୍ ପାଲନ୍ କରାଯିବା ।

ଉଦ୍ୟମୀ ଯୋଜ୍‌ନା          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖୋବ୍ ଜଲ୍‌ଦି ଉଦ୍ୟମୀ ଯୋଜ୍‌ନା କାର୍ଯ୍ୟକାରୀ ହେବା । ପାଠ୍‌ପଢ଼ା ଉତ୍‌ରୁ ଚାକ୍‌ରୀ ପଛ୍‌ଆଡ଼େ ନାଇଁ ଦୌଡ଼ିକରି

ଛାତ୍ରଛାତ୍ରୀମାନେ ସ୍ୱାବଲମ୍ବୀ ହେବାର୍‌କେ ଆଉ ରାଏଜେ ନୂଆଁକରି ଶିଳ୍ପ ଥାପ୍‌ନା କର୍‌ବାର୍‌କେ ଆଶାୟୀ ଯୁଆନ୍ ପିଢ଼ିଙ୍କୁ ଇ ଯୋଜ୍‌ନା ସାହାଜ୍ କର୍‌ବା । ଖାସ୍ କରି ଛୋଟ୍ ଉଦ୍ୟୋଗ୍ ଗଢ୍‌ବାର୍‌କେ ରାଜ୍ୟ ସର୍‌କାର୍ ପ୍ରୋତ୍ସାହନ୍ ଦେବେ ବଲି ରାଜ୍ୟ ଦକ୍ଷତା ବିକାଶ ଆଉ ବୈଷୟିକ ଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇତାର୍ ଜରିଏ ଉଦ୍ୟୋଗୀମାନ୍‌କୁ ସୁସଂଗଠିତ୍ ଉଦ୍ୟୋଗ୍ ବିକାଶ୍ କାର୍ଯ୍ୟକ୍ରମ୍, ମାର୍ଗଦର୍ଶନ୍ ଆଉ ସହଯୋଗ୍ ଋଣ ଯୁଗେଇ ଦେବାର୍, ମାର୍କେଟ୍ ଆଉ ଇକୋ ସିଷ୍ଟମ୍ ଲିଙ୍କେଜ୍ ବାଗିର୍ ବ୍ୟବସ୍ଥା ଦିଆଯିବା । ଇଥିର୍‌ଲାଗି ଭିନ୍ ଭିନ୍ ବିଭାଗ୍‌କେ ପ୍ରସ୍ତାବିତ୍ ଯୋଜ୍‌ନା ଉପ୍‌ରେ ମତାମତ୍ ଆଉ ପରାମର୍ଶ ଦେବାର୍‌କେ କୁହାଯାଇଛେ ।

ରୋଜଗାର ସେବକ      ଆର୍‌ଏନ୍‌ୟୁ/ ସମ୍ବଲପୁର

୫ ବଛର୍ କି ତାର୍ ନୁ ଅଏତ୍‌କା ସେବା ପୁରା କରିଥିବା ଗ୍ରାମ୍ ରୋଜ୍‌ଗାର୍ ସେବକ ମାନ୍‌କର୍ ପୁରା ତଥ୍ୟ ଦେବାର୍‌କେ ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ତର୍‌ଫୁ ଜିଲ୍ଲାପାଳ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଧାରିଜ୍ ଫର୍ମାଟ୍‌ଥି ୧୫

ଦିନ୍ ଭିତ୍‌ରେ ସବୁ ତଥ୍ୟ ଦେବାର୍ ଲାଗି କୁହାଯାଇଛେ। ରାଜ୍ୟସ୍ତର୍‌ଥି ଗୁଟେ ସମନ୍ୱିତ ତଥ୍ୟ ବିବରଣୀ ପୁରା କର୍‌ବାର୍ ଲାଗି ଇ ପଦକ୍ଷେପ୍ ନିଆଯାଇଛେ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା କାଏଲ୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା। ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଇ ଶୁଣାଣିକେ ବନ୍ଦ୍ ରଖାଯାଇଛେ। ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ।

ମୁଖ୍ୟମନ୍ତ୍ରୀ ଗବେଷଣା ଫେଲୋସିପ ହି.ସ.

ମୁଖ୍ୟମନ୍ତ୍ରୀ ଗବେଷଣା ଫେଲୋସିପ୍ ୨୦୨୬-୨୭ ଲାଗି ବିଜ୍ଞପ୍ତି ବାହାରିଛେ। ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ରାଜ୍ୟର୍

ସର୍କାରୀ ବିଶ୍ୱବିଦ୍ୟାଳୟ ଆଉ ରାଜ୍ୟ ସର୍କାର୍ଙ୍କର୍ ଅଲ୍ଗା ବିଭାଗ୍ଥି ପିଏଚ୍ଡ଼ି ପାଠ୍ୟକ୍ରମ୍ଥି ପଞ୍ଜିକୃତ୍ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍ଥି ଇଥିର୍ଲାଗି ଆବେଦନ୍ କରିପାର୍ବେ । ଆଏବା ୩୦ ତାରିଖ୍ ଅଧିରାତି ତକ୍ ଆବେଦନ୍ କର୍ବାର୍ ସମିଆ ଧାରିଜ୍ କରାୟାଇଛେ । ଆବେଦନ୍କାରୀମାନ୍କର୍ ତଥ୍ୟ ଓକାକ୍ ତର୍ଫୁ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ୍ଥି ଦିଆୟିବା । ଅଗଷ୍ଟ ୫ ତାରିଖ୍ ୟୋଗ୍ୟ ଆବେଦନ୍କାରୀମାନ୍କର୍ ଦସ୍ତାବିଜ୍ ୟାଂଚ୍ କରାୟିବା ଆଉ ତାର୍ ଉତ୍ରୁ ସାମ୍ସ ପୋର୍ଟାଲ୍ ଜରିଏ ସୂଚ୍ନା ଦିଆୟିବା ।

ପୁରୀ ଶ୍ରୀମନ୍ଦିର୍ -ନୀତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଅନ୍ଧାର୍ ପଖର୍ ଦ୍ୱାଦଶୀ ତିଥି ଅବ୍ସରେ ଅଣସର ଘରେ ଦ୍ୱାଦଶୀ ନୀତି ପାଲନ୍ କରାହେବା । ଆଏଜ୍ ଶ୍ରୀନଅରକେ ରାଜପ୍ରସାଦ୍ ବିଜେ କରାୟିବା । ପରମ୍ପରା ଅନ୍ସାରେ ଶ୍ରୀମନ୍ଦିର୍ ନ ସକାଳ ଧୂପ ନୀତି ଶେଷ୍ ହେବାର୍ ଉତ୍ରୁ ରାଜପ୍ରସାଦ୍ ବିଜେ ନୀତି କରାୟିବା । ଅଣସର ଘରେ ଗୁପ୍ତ ନୀତି ସମିଆଥି ଶ୍ରୀଅଙ୍ଗନୁ ଚନ୍ଦନ୍, କରାଳ, ପାଟଡୋର ବାହାର୍

କରାଯାଏସି । ସେଥିର୍‌ଭିତ୍‌ରୁ କିଛିକେ ରୂପା ଥାଲିଆଥି ପଟୁଆର୍ ସାଙ୍ଗେ ଦଇତାପତିମାନେ ଶ୍ରୀନଅର୍‌କେ ବିଜେ କରାବେ । ସେନୁ ଗଜପତି ମହାରାଜ୍‌ଙ୍କୁ ଦଇତାପତିମାନେ ମହାପ୍ରଭୁଙ୍କର୍ ଠିକ୍ ହେବାର୍ ବାବ୍‌ଦେ ସୂଚ୍‌ନା ଦେବାର୍ ସହେତେ ରଥଯାତ୍ରା ବିଷେଥି ଆଲୋଚନା କର୍‌ବେ ।

ଓ.ଟି.ଡି.ସି.-ଲାଭାଂଶ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ପର୍ଯ୍ୟଟନ୍ ଉନ୍ନୟନ ନିଗମ- ଓ.ଟି.ଡି.ସି. ୨୦୨୪-୨୫ ଆର୍ଥିକ୍ ବଛର୍ ଲାଗି ୧ କୋଟି ୧୭ ଲାଖ୍ ଟଙ୍କା ଲାଭାଂଶ ରାଜ୍ୟ ସର୍‌କାର୍‌ଙ୍କୁ ଦେଇଛେ । ଓଟିଡିସି ର ପରିଚାଳନା ନିର୍ଦ୍ଦେଶକ ଦୀପଙ୍କର୍ ମହାପାତ୍ର, ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଇ ଲାଭାଂଶ ଚେକ୍ ଦେଇଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଓଡ଼ିଶାର୍ ପର୍ଯ୍ୟଟନ୍ ଭିତିଭୂମି ଆଉ ସେବା ପ୍ରଦାନ୍‌କେ ଅଏତ୍‌କା ବର୍‌କଶ୍ କର୍‌ବାର୍ ଲାଗି ଓଟିଡିସିର ଚେଷ୍ଟାକେ ପ୍ରଶଂସା କରିଥିଲେ । ଓଟିଡିସି ଆଏବା ୩ ବଛର୍ ଲାଗି ଗୁଟେ ମହତ୍ୱାକାଂକ୍ଷୀ ରୋଡ଼୍‌ମେପ୍ ତିଆର୍ କରିଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ତାର୍ ପାଖର୍ ବାଂଲାଦେଶ୍ ଉପ୍‌ରେ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ଲଘୁଚାପ୍ ହେବାର୍ ସମ୍ଭାବନା ରହିଛେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ରାଏଜେ ଆଏବା ୧୦ ଦିନ୍ ତକ୍ ବର୍ଷା ହେଇପାରେ । ଆଏବା ୨୪ ଘଂଟା ଭିତ୍‌ରେ ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର୍, କଟକ୍, କେନ୍ଦୁଝର୍, ମୟୁର୍‌ଭଞ୍ଜ୍, ଗଜପତି, ଗଞ୍ଜାମ୍, ପୁରୀ, ଖୋର୍ଦ୍ଧା, ନୟାଗଡ୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଧୁକାଗର୍ଡ଼ି, ଚଡ଼କ୍ ମାର୍‌ବାର୍ ସାଙ୍ଗେ ବର୍ଷା ହେଇପାରେ ବଲି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ବଛର୍ ମୌସୁମୀଥି ଜୁନ୍ ୧ ତାରିଖ୍‌ନୁ ଏବ୍‌ତକ୍ ରାଏଜେ ହାରାହାରି ୩ ଶହ ୪୭ ଦଶ୍‌ମିକ୍ ୫ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ । ଯେନ୍‌ଟା ସ୍ୱାଭାବିକ୍ ବର୍ଷାନୁ ୧୧ ପ୍ରତିଶତ୍ ଅଏତ୍‌କା ଆଏ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୧୧ ଦଶ୍‌ମିକ୍ ୨/୯ ଫୁଟ୍ ରହିଥିଲା । ଇ ସମିଆଥି ୩ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୭୩ ହଜାର୍ ୬ ଶହ ୬୬ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୪୯ ହଜାର୍ ୫ ଶହ ୯୧ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।